# କେନ୍ଦ୍ରୀୟ ସୂଚନା ଅଧିକାର ନିୟମାବଳୀ 2005

**ଭାରତର ଗେଜେଟ୍ ଭାଗ-II ଖଣ୍ଡ-3 ଏବଂ ଉପଖଣ୍ଡ (1) ଅସାଧାରଣରେ ପ୍ରକାଶିତ ହେବ**
**ଭାରତ ସରକାର କର୍ମୀନିଯୁକ୍ତି, ସର୍ବସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ (କର୍ମୀନିଯୁକ୍ତି ଓ ତାଲିମ୍ ବିଭାଗ)**

**ବିଜ୍ଞପ୍ତି** ନୂଆଦିଲ୍ଲୀ, 16 ସେପ୍ଟେମ୍ବର 2005

ଜି.ଏସ୍.ଆର...... ସୂଚନାର ଅଧିକାର ଆଇନ୍ (22 of 2005)ର ଧାରା 27 ଅଧୀନସ୍ଥ ଉପଧାରା (2)ର ଅଣ-ଉପଧାରା (b) ଓ (c) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗାର୍ଥେ କେନ୍ଦ୍ର ସରକାର ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରିଛନ୍ତି, ଯଥା :-

**1. ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ –**

(1) ଏହି ନିୟମାବଳୀକୁ ସୂଚନା ଅଧିକାର (ଫି ଏବଂ ଦାମ୍‌ର ବିନିୟମ) ନିୟମାବଳୀ 2005 କୁହାଯାଇପାରେ ।

(2) ସରକାରୀ ଗେଜେଟ୍‌ରେ ପ୍ରକାଶନର ତାରିଖ ଠାରୁ ଏହା ବଳବତ୍ତର ହେବ ।

**2. ସଂଜ୍ଞା** – ପରିପ୍ରେକ୍ଷି ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ

(a) 'ଆଇନ୍', ବୋଇଲେ ସୂଚନା ଅଧିକାର ଆଇନ୍, 2005

(b) 'ଧାରା' ବୋଇଲେ ଆଇନ୍‌ର ଧାରା

(c) ଏହି ନିୟମାବଳୀରେ ବ୍ୟବହୃତ ହୋଇଥିବା ଅନ୍ୟ ସମସ୍ତ ଶବ୍ଦାବଳୀ ଏବଂ ଉକ୍ତିମାନ, ଯାହାକିନ୍ତୁ ଏଠାରେ ସଂଜ୍ଞାୟିତ ହୋଇପାରିନି, ସେଗୁଡ଼ିକ ସେହି ଅର୍ଥ ବହନ କରିବ, ଯାହାକି ଆଇନ୍‌ରେ ନ୍ୟସ୍ତ କରାଯାଇଛି ।

**3.** ଧାରା 6 ଅଧୀନସ୍ଥ ଉପଧାରା (1) ଅନୁଯାୟୀ ସୂଚନା ହାସଲ ନିମନ୍ତେ କରାଯାଉଥିବା ଏକ ଆବେଦନ ସହିତ ନଗଦ ଦଶ ଟଙ୍କାର ଆବେଦନ 'ଫି'ର ରସିଦ ବା ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ହିସାବ ଅଧିକାରୀ (ଆକାଉଣ୍ଟ ଅଫିସର)ଙ୍କୁ ଦେୟ ଡିମାଣ୍ଡ ଡ୍ରାଫ୍ଟ ବା ବ୍ୟାଙ୍କର ଚେକ୍ ସଂଲଗ୍ନ ହୋଇଥିବ ।

**4.** ଧାରା 7 ଅଧୀନସ୍ଥ ଉପଧାରା (1) ଅନୁଯାୟୀ ସୂଚନା ଯୋଗାଇଦେବା ବାବଦକୁ ଫି ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ହିସାବ ଅଧିକାରୀଙ୍କୁ ପ୍ରଦେୟ ନଗଦ ଅର୍ଥ ପଇଠର ରସିଦ ବା ଡିମାଣ୍ଡ ଡ୍ରାଫ୍ଟ ବା ବ୍ୟାଙ୍କର ଚେକ୍ ମାଧ୍ୟମରେ ନିମ୍ନୋକ୍ତ ପ୍ରକାରରେ ଲାଗୁ ହେବ :

(a) ପ୍ରସ୍ତୁତ କିମ୍ବା ନକଲୀକୃତ ପ୍ରତି ପୃଷ୍ଠା (A-4 ବା A-3 ସାଇଜ୍‌ର କାଗଜ) ପିଛା 2 ଟଙ୍କା,

(b) ବଡ଼ ସାଇଜ୍ କାଗଜର ନକଲ ପାଇଁ ଦରକାର ପଡ଼ିଥିବା ପ୍ରକୃତ ଦେୟ ବା କ୍ରୟ ମୂଲ.

(c) ନମୂନା (ସାମ୍ପଲ୍) ବା ମଡେଲ ପାଇଁ ଦରକାର ପଡ଼ିଥିବା ପ୍ରକୃତ ଖର୍ଚ୍ଚ, ଏବଂ

(d) ରେକର୍ଡର ନିରୀକ୍ଷଣ (ଇନ୍‌ସପେକ୍ସନ) ପାଇଁ ପ୍ରଥମ ଘଣ୍ଟା ପାଇଁ କୌଣସି ଫି ନାହିଁ, ଏବଂ ପରବର୍ତ୍ତୀ ପ୍ରତି 15 ମିନିଟ୍ (ବା ଏହାର ଅଂଶ ବିଶେଷ) ପାଇଁ 5 ଟଙ୍କା ।

**5.** ଧାରା 7 ଅଧୀନସ୍ଥ ଉପଧାରା (5) ଅନୁଯାୟୀ ସୂଚନା ଯୋଗାଣ ବାବଦକୁ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ହିସାବ ଅଧିକାରୀଙ୍କୁ ପ୍ରଦେୟ ଡିମାଣ୍ଡ ଡ୍ରାଫ୍ଟ ବା ବ୍ୟାଙ୍କର ଚେକ୍ ଆକାରରେ ଫି ନିମ୍ନୋକ୍ତ ହାରରେ ଲାଗୁ ହେବ :

(a) ଡିସ୍‌କେଟ୍ ବା ଫ୍ଲପି ମାଧ୍ୟମରେ ପ୍ରଦତ୍ତ ସୂଚନା ପାଇଁ ଏକ ଡିସ୍‌କେଟ୍ ବା ଫ୍ଲପି ପିଛା 50 ଟଙ୍କା ।

(b) ମୁଦ୍ରିତ ରୂପରେ ସୂଚନା ଯୋଗାଣ ବାବଦକୁ ସଂପୃକ୍ତ ପ୍ରକାଶନ ପାଇଁ ପୂର୍ବ ନିର୍ଦ୍ଧାରିତ ମୂଲ୍ୟ ବା ସଂପୃକ୍ତ ପ୍ରକାଶନର ଖଣ୍ଡାଂଶ କ୍ଷେତ୍ରରେ ପ୍ରତି ପୃଷ୍ଠା ପାଇଁ ଜେରକ୍ସ ଖର୍ଚ୍ଚ ବାବଦ 2 ଟଙ୍କା ।

**F.No.34012/8(s)/2005-Estt.**

**ପ୍ରାପ୍ତେଷୁ,** ପରିଚାଳକ, ଭାରତ ସରକାରଙ୍କ ମୁଦ୍ରଣାଳୟ, ମାୟାପୁରୀ, ନୂଆଦିଲ୍ଲୀ

## କେନ୍ଦ୍ରୀୟ ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ 2005

**ଭାରତର ଗେଜେଟ୍ ଭାଗ-II ଖଣ୍ଡ-3 ଏବଂ ଉପଖଣ୍ଡ (1) ଅସାଧାରଣରେ ପ୍ରକାଶିତ ହେବ**

**ଭାରତ ସରକାର କର୍ମୀନିଯୁକ୍ତି, ସର୍ବସାଧାରଣ ଅଭିଯୋଗ ଓ ପେନ୍ସନ୍ ମନ୍ତ୍ରଣାଳୟ (କର୍ମୀନିଯୁକ୍ତି ଓ ତାଲିମ୍ ବିଭାଗ)**

**ବିଜ୍ଞପ୍ତି** ନୂଆଦିଲ୍ଲୀ, 27 ଅକ୍ଟୋବର 2005

ଜି.ଏସ୍.ଆର...... ସୂଚନାର ଅଧିକାର ଆଇନ (22 of 2005)ର ଧାରା 27 ଅଧୀନସ୍ଥ ଉପଧାରା (2)ର ଅଣ-ଉପଧାରା (b) ଓ (c) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗାର୍ଥେ କେନ୍ଦ୍ର ସରକାର ସୂଚନା ଅଧିକାର (ଫି ଏବଂ ମୂଲ୍ୟ ବିନିୟମ) ନିୟମାବଳୀ, 2005କୁ ସଂଶୋଧନ କରିବା ନିମନ୍ତେ ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରିଛନ୍ତି :-

**1. ସଂକ୍ଷିପ୍ତ ଶିରୋନାମା ଓ ପ୍ରାରମ୍ଭ –**

(1) ଏହି ନିୟମାବଳୀକୁ ସୂଚନା ଅଧିକାର (ଫି ଓ ମୂଲ୍ୟ ବିନିୟମ) ସଂଶୋଧନ ନିୟମାବଳୀ, 2005 ବୋଲି କୁହାଯାଇପାରେ ।

(2) ଗେଜେଟ୍‌ରେ ପ୍ରକାଶିତ ହେବାର ତାରିଖଠାରୁ ଏହା ବଳବତ୍ତର ରହିବ ।

**2. ସୂଚନା ଅଧିକାର (ଫି ଓ ମୂଲ୍ୟ ବିନିୟମ) ନିୟମାବଳୀ, 2005 ଅନ୍ତର୍ଗତ ନିୟମ-4 ଅଧୀନରେ ଥିବା ଉପନିୟମ (d) ବଦଳରେ ନିମ୍ନୋକ୍ତ ଉପନିୟମ ପ୍ରତିସ୍ଥାପିତ ହେବ, ଯଥା :-**

"(d) ରେକର୍ଡଗୁଡ଼ିକର ନିରୀକ୍ଷଣ (ଇନ୍‌ସପେକ୍ସନ) ନିମନ୍ତେ ପ୍ରଥମ ଘଣ୍ଟା ପାଇଁ କୌଣସି ଫି ନାହିଁ ଏବଂ ପରବର୍ତ୍ତୀ ପ୍ରତି ଘଣ୍ଟା (ବା ଏହାର ଅଂଶବିଶେଷ) ପାଇଁ 5 ଟଙ୍କା ।"

**F.No.34012/8(s)/2005-Estt. (B)** **ସ୍ୱା : ଟି. ଜାକୋବ, ଭାରତ ସରକାରଙ୍କ ଯୁଗ୍ମ ସଚୀବ**

[ **ଦ୍ରଷ୍ଟବ୍ୟ** : ମୁଖ୍ୟ ନିୟମାବଳୀ ଭାରତ ସରକାରଙ୍କ ଗେଜେଟ୍‌ରେ ପ୍ରକାଶିତ ହୋଇଥିଲା, ଦ୍ରଷ୍ଟବ୍ୟ : କର୍ମୀ ନିଯୁକ୍ତି, ସର୍ବସାଧାରଣ ଅଭିଯୋଗ ଏବଂ ପେନ୍ସନ୍ ମନ୍ତ୍ରଣାଳୟ (କର୍ମୀନିଯୁକ୍ତି ଓ ତାଲିମ୍ ବିଭାଗ) ବିଜ୍ଞପ୍ତି F.No.34012/8(s)/2005-Estt. (B), Dated : 16, September, 2005 [G.S.R. No.336 dated 1st October, 2005, Part-II, Section-3, Sub-section (i)]

ସ୍ୱା : ଟି. ଜାକୋବ୍,
ଭାରତ ସରକାରଙ୍କ ଯୁଗ୍ମ ସଚିବ

**ପ୍ରାପ୍ତେଷୁ :**
ପରିଚାଳକ, ଭାରତ ସରକାରଙ୍କ ମୁଦ୍ରଣାଳୟ, ମାୟାପୁରୀ, ନୂଆଦିଲ୍ଲୀ